# ମୁଁ ଯେ ସେଇ ବଇଶାଖୀ ଝଡ

ମୁଁ ଯେ ସେଇ ଅମାନିଆ ବଇଶାଖୀ ଝଡ଼
ମାନେନା ପ୍ରୀତି ବନ୍ଧନ
ସ୍ନେହର ଉହାଡ
ମାନେନା ଅଥଳ ନୀଳ
ସାଗର ଶୈବାଳ
ଅଥବା ବାଡ଼ବାଗ୍ନି ବା
ପ୍ରଚଣ୍ଡ ଅନଳ
ଆଉ ପୁଣି ହିମ ତୋରା
ଉଟଜ ପଟଳ
କେତେବେଳେ ଆସେ କିଏ
ରଖେନା ମୁଁ ଠିକଣା କାହାର
ମୁଁ ଯେ ସେଇ ବଇଶାଖୀ ଝଡ...

ମୁଁ ଯେ ସେଇ ଅମାନିଆ ବଇଶାଖୀ ଝଡ଼
ଅସୀମ ରୌଦ୍ର ତାଣ୍ଡବ
ବିଭୀଷିକା ମୟ
ଅନଳ ଆତପ ଜ୍ୱାଳ

ରୂପ ହିଂସ୍ର ଚୟ
କେବେ ହିଂସ୍ର କେବେ ପୁଣି
ଉଦଣ୍ଡ ତାଣ୍ଡବ
କେବେ ମାଗେ ପ୍ରାଣ କେବେ
ପ୍ରଚଣ୍ଡ ଦାନବ
ମୋ ଆସିବା ମୃଦୁମୟ ହୁଏ ପୁଣି କେବେ
ମୁଁ ଯେ ସ୍ରଷ୍ଟା ଅଙ୍ଗ ଏହି ସୃଜନୀ ସୃଷ୍ଟିର
ମୁଁ ଯେ ସେଇ ଅମାନିଆ ବଇଶାଖୀ ଝଡ...

କେବେ ସାଥେ ଆସେ ନେଇ
ବିସ୍ତାରିତ ପ୍ରାବୃଟ ପ୍ରଚଳ
ହିଂସ୍ର ପ୍ରାଣେ ଜାଗେ ଉଦ୍‌ମାଦନା
ଶୀତଳତା ଲଭେ ଦୁର୍ବାଦଳ
କ୍ଲାନ୍ତ ଶ୍ରାନ୍ତ ପଥିକର ଭିଜିବାର ମୋହ
ମହୀରୁହ ଲଭଇ ଶୀତଳ
ମାନବୀୟ ପ୍ରକୃତିର ପବିତ୍ର ସମ୍ଭାର
ତନୁ ମନ ଲଭଇ ଶୀତଳ
କିଏ ରଖୁ ବା ନରଖୁ ମୋର ନାଆଁ ଅବା ମୋ ଠିକଣା
ମୁଁ ଯେ ସେଇ ଅମାନିଆ ବଇଶାଖୀ ଝଡ
ମୁଁ ଯେ ସେଇ ଅମାନିଆ ବଇଶାଖୀ ଝଡ ...□